

# ଗ୍ରୀଷ୍ମ କୋପରେ ଖାଁ ଖାଁ ରାଜଧାନୀ ରାସ୍ତାଘାଟ






ଭୁବନେଶ୍ୱର, ୨୪।୪(ସମିସ): ଗ୍ରୀଷ୍ମପ୍ରବାହ କାରଣରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଭୁବନେଶ୍ୱରରେ ଗତକାଲି ଅପେକ୍ଷା ଆଜି ପ୍ରାୟ ଦେଢ଼ ଡିଗ୍ରୀ ସେଲ୍‌ଫସିୟସ ତାପମାତ୍ରା ହ୍ରାସ ପାଇଛି। କିନ୍ତୁ ବାସ୍ତବିକ ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି ରାଜଧାନୀ ସହରବାସୀ। ସକାଳ ୮ଟାରୁ ଉତ୍ତାପ ପରିଲକ୍ଷିତ ହୋଇଥିଲେ ମଧ୍ୟ ଦିନ ୧୦ଟା ବେଳକୁ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ଅପରାହ୍ନ ଗୋଟାଏ ବେଳକୁ ରାଜଧାନୀବାସୀ ଗ୍ରୀଷ୍ମରେ ଆଉଟୁପାଉଟୁ ହୋଇପଡ଼ିଥିଲେ। ଏମିତି ଦିନ ଏଗାରଟା ପରେ ରାଜଧାନୀର ରାସ୍ତାଘାଟ ଖାଁ ଖାଁ ହୋଇପଡ଼ିଥିଲା। ମଧ୍ୟାହ୍ନ ପରେ ଅଳ୍ପ କିଛି ଗାଡ଼ି ଚଳାଚଳ ହୋଇଥିଲେ ମଧ୍ୟ ରାଜମହଲ ଭଳି ବଡ଼ବଡ଼ ଛକରେ ଅଘୋଷିତ କର୍ଫ୍ୟୁର ଭ୍ରମ ସୃଷ୍ଟି ହୋଇଥିଲା। ଗଳିକନ୍ଦିରେ କିଛି ଲୋକ ଯାତାୟତ କରୁଥିବା ବେଳେ ପ୍ରମୁଖ ଛକରେ ଯାନବାହାନ ଦେଖବବାକୁ ମିଳି ନ ଥିଲା। କାଁ ଭାଁ ଚାରିଚକିଆ ଯାନବାହାନ ଚଳାଚଳ କରୁଥିବା ବେଳେ ଦୁଇଚକିଆ ଯାନ ପ୍ରାୟ ଦେଖିବାକୁ ମିଳି ନ ଥିଲା। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଅପରାହ୍ନ ବେଳକୁ ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଥିଲା। ରାଜଧାନୀର ପ୍ରମୁଖ ଛକଗୁଡ଼ିକରେ ଥଣ୍ଡାପାନୀୟ ଦୋକାନକୁ ଛାଡ଼ି ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଥିଲା। ଅପରାହ୍ନ ୫ଟା ବେଳକୁ ରାସ୍ତାଘାଟ ସମ୍ପୂର୍ଣ୍ଣ ସ୍ୱାଭାବିକ ପରିଲକ୍ଷିତ ହୋଇଥିବା ବେଳେ ଯାନବାହାନ ଚଳାଚଳ କରିଥିଲା। ପ୍ରକାଶ ଥାଉ କି ବୁଧବାର ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ସେଲ୍‌ଫସିୟସ ରେକର୍ଡ କରାଯାଇଥିବା ବେଳେ ଗୁରୁବାର ରାଜଧାନୀର ଦିନର ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍‌ଫସିୟସ ରେକର୍ଡ କରାଯାଇଥିଲା। ତେବେ ଶୁକ୍ରବାର ରାଜଧାନୀର ଦିନବେଳା ତାପମାତ୍ରା ରହିଥିଲା ୩୯.୪ ଡିଗ୍ରୀ ସେଲ୍‌ଫସିୟସ।






## ମାଙ୍କଡ଼ା ବୋଝେଇ ଟ୍ରକ୍ ଜବତ



ବାଲିଅନ୍ତା, ୨୪।୪(ସମିସ): ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାର ଛକ ନିକଟରେ ଗତକାଲି ରାତି ୨ଟା ସମୟରେ ଖୋର୍ଦ୍ଧା ଜିଲ୍ଲା ଖଣି ଭାଗ ଟିମ ପାଟ୍ରୋଲିଂ କରୁଥିବା ବେଳେ ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ କରିଛି। ଜବତ ଟ୍ରକକୁ ଖଣି ବିଭାଗ ଅଧିକାରୀ ବାଲିଅନ୍ତା ଥାନା ପୁଲିସକୁ ହସ୍ତାନ୍ତର କରିଛନ୍ତି। ଜବତ ମାଙ୍କଡ଼ା ପଥର ଟ୍ରକ ମାଲିକ ଉପରେ ୧ ଲକ୍ଷ ଜରିମାନା କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏକ ବାଲି ବୋଝେଇ ହାଇୱା ଖସି ପଳାଇ ଥିଲା। କନିଷ୍ଠ ଖଣି ଅଧିକାରୀ ସୁଦୀପ୍ତ ବେହେରା ଏବଂ ପି. ବନି ଜ୍ୟାକସନ ପୁଲିସ ଫୋର୍ସ ଚଢ଼ଉ କରିଥିଲେ।

## ହୋଟେଲ୍‌ରୁ ମାଂସ ବଟି ନେଇ ଯୁବକ ଗିରଫ



ଭୁବନେଶ୍ୱର, ୨୪।୪(ସମିସ): ମଞ୍ଚେଶ୍ୱର ଥାନା ପାଣ୍ଡରା ଭୋଇ ସାହିର ରୋହିତ ଭଞ୍ଜ ଖାଦ୍ୟ ପ୍ରସ୍ତୁତ କରୁଥିବା ଦୋକାନୀଙ୍କୁ ଧମକ ଚକମ ଦେଇ ମାଗଣାରେ ଖାଦ୍ୟ ଖାଉଥିଲେ। ଦୋକାନୀ ପଚାରିଲେ କହୁଥିଲା ଦାଦାବଟି। ତା ନାମରେ ୧୧ରୁ ଉର୍ଦ୍ଧ୍ୱ ମାମଲା ଥିଲା। ବହୁ ବାର ଜେଲ୍ ଯାଇ ଫେରିଛି। ଅପରାଧିକ ପୃଷ୍ଠଭୂମି ଥିବାରୁ ଦୋକାନୀ ତାକୁ ଡରି ତାର ସବୁ କଥା ସହି ଯାଉଥିଲେ। ଏଣୁ ତାର ଅତ୍ୟାଚାର ବଢ଼ି ଚାଲିଥିଲା। ଶେଷରେ ଜଣେ ମାଂସ ଦୋକାନୀଙ୍କୁ ଧମକ ଚମକ ଦେଇ ଏକାସାଙ୍ଗରେ ଚିକେନ୍ ଏବଂ ମଟନ୍ ନେବା ତାକୁ ମହଙ୍ଗା ପଡ଼ିଛି। ମାଂସ ଦେକାନୀ ଶେଖ୍ ମନସୁରଙ୍କ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ ଯେ, ମନସୁର ତାଙ୍କ ସମ୍ପର୍କୀୟ ଭାଇଙ୍କ ସହିତ ପାଣ୍ଡରା ଛକରେ ଏକ କୁକୁଡ଼ା ଏବଂ ମଟନ୍ ଦୋକାନ ଚଳାଉଥିଲେ। ଅଭିଯୁକ୍ତ ରୋହିତ ଓ ତାଙ୍କ ସହଯୋଗୀମାନେ "ଦାଦାବାଟି" ନାମରେ ସେମାନଙ୍କଠାରୁ ନିୟମିତ ଭାବରେ ଟଙ୍କା ଆଦାୟ କରୁଥିଲେ। ବିନା ପେମେଣ୍ଟରେ ଜୋରଜବରଦସ୍ତି କୁକୁଡ଼ା ଓ ମଟନ୍ ନେଉଥିଲେ। ଏହାକୁ ଅଭିଯୋଗକାରୀ ବିରୋଧ କଲେ ସେମାନେ ତାଙ୍କୁ ଧମକ ଦେବା ସହ ଆକ୍ରମଣ କରୁଥିଲେ। ଗତ ୧୩ ତାରିଖ ଦିନ ପ୍ରାୟ ୩ଟା ସମୟରେ ଅଭିଯୁକ୍ତମାନେ ସହଯୋଗୀମାନଙ୍କ ସହିତ ଦୋକାନକୁ ଆସି ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଓ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଲୁହା ଛଡ଼ ଓ ଖଣ୍ଡା ଦ୍ୱାରା ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଲାତ ଓ ମୁଠାରେ ମାଡ଼ ମାରି ଗୁରୁତର ଆହତ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ରୋହିତ ଭଞ୍ଜାଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା। ତାଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ନିଜ ଦୋଷ ସ୍ୱୀକାର କରିଥିଲା। ସେ ଅଭ୍ୟାସଗତ ଅପରାଧୀ ହୋଇଥିବା ସହ ମଞ୍ଚେଶ୍ୱର ଓ ପାହାଳା ଥାନାର ପୂର୍ବରୁ ୧୧ଟି ମାମଲାରେ ଜଡ଼ିତ ଥିବା ଜଣାପଡ଼ିଛି। ଯେଉଁଥିରେ ଆକ୍ରମଣ, ଅପରାଧିକ ଧମକ, ହତ୍ୟା ଉଦ୍ୟମ, ଦାଦାବାଟି ଆଦାୟ ଓ ଅନ୍ୟାନ୍ୟ ଅପରାଧ ସମ୍ପୃକ୍ତ ରହିଛି।

## ଜେଜେମା' ସହ କଥାହେଲେ ବୋଲି ପିଲାଙ୍କୁ ୮ ଘଣ୍ଟା ଗୃହବନ୍ଦୀ

ଭୁବନେଶ୍ୱର, ୨୪।୪(ସମିସ): ଜେଜେ ମା' ସହ କଥା ହେଲେ ବୋଲି ପିଲାଙ୍କୁ ପିତା ଗୃହବନ୍ଦୀ କରିଦେଇଛି। ରାଜଧାନୀ ଭୁବନେଶ୍ୱର ଇଶାନେଶ୍ୱର ବସ୍ତିରେ ୨ ଛୁଆଙ୍କୁ ବାପା ଗୃହବନ୍ଦୀ କରିଦେଇଛି। ଏମିତିକି ରାତି ସାରା ସ୍ତ୍ରୀକୁ ମାରପିଟ୍ କଲା। ୨ ଛୁଆକୁ ଘର ବାହାରୁ ତାଲା ପକାଇ ବାପା ଫେରାର ମାରିଥିଲା। ସ୍ଥିତି ଏମିତି ହେଲା କି ଭୋକ ବିକଳରେ ୨ ଛୁଆ ଚିତ୍କାର କରିଥିଲେ। ଚିତ୍କାର ଶୁଣି ସାହି ପଡ଼ିଶା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପିସିଆର୍ ଟିମ୍ ପହଞ୍ଚି ପିଲାଙ୍କୁ ଉଦ୍ଧାର କରିଥିଲା। ତାଲା ଭାଙ୍ଗି ୮ଘଣ୍ଟା ଗୃହବନ୍ଦୀ ଥିବା ୨ ନାବାଳକଙ୍କୁ ପିସିଆର୍ ଉଦ୍ଧାର କରିଥିଲା। ଅମାନବୀୟ କାଣ୍ଡ ଭିଆଇ ଥିବା ବାପାକୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ଖୋଜୁଥିବା ସୂଚନା ମିଳିଛି।

## ଖଣ୍ଡାରେ ଆକ୍ରମଣ କରି ଲୁଟ୍; ୨ ଗିରଫ



ଭୁବନେଶ୍ୱର, ୨୪।୪ (ସମିସ): ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଅଟକାଇ ସେମାନଙ୍କ ଠାରୁ ଲୁଟ୍। ଅବରୋଧ କରିବାରୁ ଯାତ୍ରୀଙ୍କ ଖଣ୍ଡା ଦେଖାଇ ଆତଙ୍କୀତ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ନୂଆପଲ୍ଲୀ ଅଞ୍ଚଳର ରାଜ କୁମାର ପଣ୍ଡା, ଯାଜପୁର ବରୁଆଁର ଦେବବ୍ରତ ବିଶ୍ୱାଳ। ଅଭିଯୁକ୍ତମାନଙ୍କ ଠାରୁ ୧୦ହଜାର ଟଙ୍କା, ଏକ ଖଣ୍ଡା, ଗୋଟିଏ ଗାଡ଼ି ଏବଂ ମୋବାଇଲ ଫୋନ୍ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖ ରାତି ପ୍ରାୟ ୯.୩୦ ସମୟରେ ଅଭିଯୋଗକାରୀ ଭିଏସଏସ ନଗରରୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଅଭିମୁଖେ ଏକ ବୋଲେରୋ ଗାଡ଼ିରେ ଯାଉଥିବା ସମୟରେ ଏକ ସ୍କୁଟିରେ ତିନି ଜଣ ବ୍ୟକ୍ତି ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଏହା ପରେ ଦୁଇଜଣ ଅଭିଯୁକ୍ତ ଓହ୍ଲାଇ ଅଭିଯୋଗକାରୀ ଏବଂ ତାଙ୍କ ସହାୟକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଗାଡ଼ିରୁ ବାହାର କରି ଲାତ ଓ ମୁଠାରେ ଆକ୍ରମଣ କରିଥିଲେ। ଯାହା ଫଳରେ ସେମାନେ ଆହତ ହୋଇଥିଲେ। ଘଟଣା ସମୟରେ ଅଭିଯୁକ୍ତ ରାଜକୁମାର ପଣ୍ଡା ଅଭିଯୋଗକାରୀଙ୍କଠାରୁ ୧୦, ୫୦୦ ଟଙ୍କା ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଅଭିଯୋଗକାରୀ ପ୍ରତିରୋଧ କରିବାରୁ ଅଭିଯୁକ୍ତ ଦେବବ୍ରତ ବିଶ୍ୱାଳ ଏକ ଖଣ୍ଡା ବାହାର କରି ଅଭିଯୋଗକାରୀ ଏବଂ ତାଙ୍କ ସହାୟକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୋଡ଼ାଇଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପରେ ଅଭିଯୁକ୍ତମାନଙ୍କୁ କାବୁ କରାଯାଇ ପୋଲିସଙ୍କୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତ ସମୟରେ, ଲୁଟ ହୋଇଥିବା ଟଙ୍କା, ମୋବାଇଲ୍ ଫୋନ୍, ଗୋଟିଏ ଖଣ୍ଡା ଏବଂ ଅପରାଧରେ ବ୍ୟବହୃତ ସ୍କୁଟର ଜବତ କରାଯାଇଥିଲା। ପଚରାଉଚରା ପରେ ଉଭୟ ଅଭିଯୁକ୍ତଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ।

## ପ୍ରୀତମ ପ୍ରିୟଦର୍ଶୀ ହତ୍ୟାକାଣ୍ଡ

# ରହସ୍ୟ ଘେରରେ ୧୮ ବର୍ଷ

ଭୁବନେଶ୍ୱର, ୨୪।୪(ସମିସ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଖଇରାପଡ଼ା ଗ୍ରାମର ପ୍ରୀତମ ପ୍ରିୟଦର୍ଶୀ (୨୦) ବାରଙ୍ଗ ଅଞ୍ଚଳର ଏକ ଆଇଟିଆଇର କଲେଜ ଛାତ୍ର ଥିଲେ। ଆଜକୁ ୧୮ ବର୍ଷ ତଳେ ତାଙ୍କୁ ମାରି କାଜୁ ଜଙ୍ଗଲରେ ପୋତି ଦିଆଗଲା। ବହୁ ଦିନ ପରେ ପୁଲିସ ତାଙ୍କ ମୃତ ଦେହ ଜବତ କଲା। ହତ୍ୟା ଅଭିଯୋଗରେ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କଲା। ହେଲେ ଜଣ ଜଣ କରି ସମସ୍ତ ଅଭିଯୁକ୍ତଙ୍କୁ ୨୦୧୧ ମସିହାରେ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଦେଲେ। କିନ୍ତୁ ଘଟଣାର ପ୍ରକୃତ ହତ୍ୟାକାରୀ କୁଆଡ଼େ ଗଲା ଓ କିଏ ମାରିଲା ତାକୁ ନେଇ ଏବେ ବି ପରିବାର ଲୋକେ ସନ୍ଦେହ ଘେରରେ ଅଛନ୍ତି। ଯାହା ସାଧାରଣରେ ରହସ୍ୟ ମଧ୍ୟରେ ରହିଯାଇଛି।

ପୁଲିସ ବୋଧ ହୁଏ ଭୁଲ୍ ଲୋକଙ୍କୁ ଗିରଫ କରିଥିଲା। ନଚେତ୍ ଯାହାକୁ ବି ଗିରଫ କରିଥିଲା ସେମାନଙ୍କ ବିରୋଧରେ ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରିବାରେ ଅସମର୍ଥ ହେଲା। ପୁଲିସର ଅପାରଗତା ଏକ ପରିବାରକୁ ୧୮ ବର୍ଷ ଧରି ନ୍ୟାୟ ଦେବାରେ ଅସମର୍ଥ ହେଲା। ଆଜି ବି ପରିବାର ଲୋକେ ନ୍ୟାୟ ପାଇଁ ବାର ଦୁଆର ଶୁଣି ପିଣ୍ଡା ହେଉଛନ୍ତି। ପ୍ରୀତମ ହତ୍ୟାକାଣ୍ଡ ଏକ ପ୍ରକାର ରହସ୍ୟ ପାଲଟିଗଲା। ଗୁମୁରି ଗୁମୁରି କାନ୍ଦିବା ଆଉ ପ୍ରୀତମକୁ ମନେ ପକାଇବା ଛଡ଼ା ତାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। କେବଳ ପ୍ରୀତମ୍‌ଙ୍କ ପରିବାର ଲୋକେ ନୁହେଁ ଏହି ଘଟଣାକୁ ନେଇ ପୁଲିସର ନ୍ୟାୟ ବ୍ୟବସ୍ଥା ଉପରେ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**■ ୯ ଅଭିଯୁକ୍ତ ୩ ବର୍ଷରେ**



ପ୍ରୀତମ୍‌ଙ୍କ ଭଉଣୀ ମୋନାଲିସା ରଥ ନ୍ୟାୟ ପାଇଁ ଏବେ ସୋସିଆଲ୍ ମିଡ଼ିଆକୁ ଭରସା କରିଛନ୍ତି। ସେ ପ୍ରୀତମ୍‌ଙ୍କ ଶ୍ରାଦ୍ଧ ଦିବସରେ କୋହଭରା କଣ୍ଠରେ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ସୋସିଆଲ ମିଡ଼ିଆ ପୋଷ୍ଟରେ କହିଛନ୍ତି, ଏ ଦୁନିଆ ଜାଣିଛି ମୋର ଭାଇ ନାହିଁ। ହେଲେ ମୋ ଭାଇ ଥିଲା। କିନ୍ତୁ କିଛି ନର ପିଶାଚମାନେ ମୋ ଭାଇ (ମିକୁ) କୁ ୨୦୦୮ ମସିହାରେ କିଛି ଟଙ୍କା ପାଇଁ ମୋ ଭାଇକୁ ମାରି ବାରଙ୍ଗ ଉପକଣ୍ଠ କେନ୍ଦୁପାଟଣା ବାରଙ୍ଗ କଲେଜ ପାଖରେ ମାରି ପୋତିଦେଇ ଥିଲେ। ଆଜି କି ୧୮ ବର୍ଷ ପୂରିଗଲାଣି। ହେଲେ ମୋ ମାଆ ଆଖିରୁ ଆଜି ଯାଏ ଲୁହ ଶୁଖୁନି। ତାଙ୍କର ଗୋଟିଏ ବୋଲି ସାହାରାର ଆଖିକୁ ଛଡେଇ ନେଲେ। ଗୋଟେ ଭଉଣୀର ବି ରାଖି ଛଡେଇ ନେଇ ଗଲେ। ଆଜି ସେହିଦିନଟି ମନେପକାଇ ଦେଲେ ଦେହଥରି ଉଠେ। ଆଜିର ଦିନରେ ସେହି ମାଆ, ଭଉଣୀର ଅଭିଶାପ ସେହି ନର ରାକ୍ଷାସ ଏ ଦୁନିଆରୁ ମଲେ ହିଁ ତା ଆତ୍ମାକୁ ଶାନ୍ତି ମିଳିବ।

ଅନ୍ୟପକ୍ଷରେ ପ୍ରୀତମଙ୍କ ମା' ପୁଅ ପାଇଁ ଏକ ପ୍ରକାର ମୁକ ପାଲଟି ଯାଇଛନ୍ତି। ସମସ୍ତେ ସବୁ ଦେଖୁଛନ୍ତି ହେଲେ ମା'କୁ ବୁଝାଇ ପାରୁନାହାନ୍ତି। କେହି ତାଙ୍କୁ ସାମ୍ନା କରି ପାରୁନାହାନ୍ତି। କିମ୍ବା ବୁଝାଇ ବି ପାରୁ ନାହାନ୍ତି ସବୁ ଠିକ୍ ହୋଇଯିବ। ୧୮ ବର୍ଷ ଧରି ନ୍ୟାୟକୁ ଅପେକ୍ଷା କଲେ ମଧ୍ୟ ନ୍ୟାୟ ନପାଇ ସେ ହତୋତ୍ସାହିତ। ପୁଅ ନ ମିଳିଲେ ନାହିଁ କେଉଁ କାରଣରୁ କିଏ ଓ କାହିଁକି ତାଙ୍କ ପୁଅକୁ ହତ୍ୟା କଲା ତାହା ବି ଜାଣିବାର ହକ୍ ତାଙ୍କୁ ଏ ପୁଲିସ ବ୍ୟବସ୍ଥା ଦେଇ ପାରିଲା ନାହିଁ।

ପୁଲିସ ଏହି ମାମଲାରେ ରାମଚନ୍ଦ୍ର ତ୍ରିପାଠୀ ନାମକ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ନିର୍ଦ୍ଦୋଷରେ ଖଲାସ ହେଇଥିଲେ। ସେ କହିଥିଲେ ଏହି ମାମଲା ସହ ତାଙ୍କ କୌଣସି କିଛି ବି ନାହିଁ। ଅଯଥାରେ ପୁଲିସ ତାଙ୍କୁ ଏଠାକୁ ଟାଣି ହନ୍ତସନ୍ତ କରିଥିଲା। ଅନେକ ସମୟରେ ଦେଖା ଦେଇଛି ପୁଲିସର ଅପାରଗତା ବହୁ ଲୋକଙ୍କୁ ନ୍ୟାୟ ପ୍ରଦାନରେ ଫେଲ୍ ମାରିଛି। ସେ ୟୁନିଟ୍-୬ ହତ୍ୟାକାଣ୍ଡ ହେଉ କିମ୍ବା ପ୍ରୀତମ୍ ହତ୍ୟାକାଣ୍ଡ ହେଉ। ପୁଲିସର ତରବରିଆ ଭାବେ ଗିରଫଦାରୀ କରୁଛି। ବୋଧ ହୁଏ ଚାପ ସହି ନପାରି ତରବରିଆ ଭାବେ ଗିରଫ କରୁଛି। ନହେଲେ କିଛି ଅନଭିଜ୍ଞ ପୁଲିସ ଅଧିକାରୀ ନିଜ କର୍ତ୍ତବ୍ୟରେ ଅବହେଳା କରି ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରି ପାରୁନାହାନ୍ତି। ଯାହାଫଳରେ ଦୋଷୀ ଖସି ଯାଉଛନ୍ତି। ଆଉ ପରିବାର ଲୋକେ ନ୍ୟାୟ ଅପେକ୍ଷାରେ ବର୍ଷ ବର୍ଷ କାଟିଦେଇ ହତୋତ୍ସାହୀତ ହୋଇ ଯାଉଛନ୍ତି।



# ଭୁବନେଶ୍ୱର ସିଟି

# ଭିକାରିମୁକ୍ତ ସହର ଯୋଜନା ବାଟବଣା

ଭୁବନେଶ୍ୱର, ୨୪।୪(ସମିସ): ସରକାରଙ୍କ ପକ୍ଷରୁ ଅନେକ ଯୋଜନା ହେଉଛି ହେଲେ କାର୍ଯ୍ୟକାରୀ ଠିକ୍‌ରେ ହୋଇ ପାରୁନାହିଁ। ବିଶେଷ କରି ଭିକାରି ମୁକ୍ତ ଯୋଜନା ବାଟବଣା ହୋଇଯାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟି ହୋଇ ମଧ୍ୟ ଭିକାରିମୁକ୍ତ ହୋଇପାରିନାହିଁ। ଏବେ ମୁଣ୍ଡ ଫଟା ଖରାରେ ଯେଉଁଠି ଘରୁ ବାହାରିବାକୁ ଡ଼ର ଲାଗୁଛି ସେଠାରେ ମହିଳା ଓ ଛୋଟ ଛୁଆ ବିଭିନ୍ନ ଟ୍ରାଫିକ୍‌ରେ ବୁଲି ବୁଲି ଭିକ ମାଗୁଛନ୍ତି।

ରାଜଧାନୀର ଏବେ ୪୨ ଡ଼ିଗ୍ରୀ ତାପମାତ୍ରାରେ ସିଜୁଛି। ଏହି ଖରାକୁ ଖାତିର ନକରି ସହରର ବିଭିନ୍ନ ଟ୍ରାଫିକ୍‌ରେ ବିଶେଷ କରି ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ବାଣୀବିହାର, ସିଆରପିଏଫ୍, ଓୟୁଏଟି ପରି ସହରର ପ୍ରମୁଖ ବଡ଼ ବଡ଼ ଟ୍ରାଫିକ୍‌ରେ ଛୋଟ ଛୋଟ ଛୁଆମାନେ ଭିକ ମାଗୁଥିବାର ଦେଖିବାକୁ ମିଳୁଛି। ଏହି ଛୁଆମାନେ ଡ଼ହ ଡ଼ହ ଖରାରେ ହାତରେ କଲମ, ଟେଡି ବିକିବା ଆଳରେ ଏହି କୋମଳମତି ଶିଶୁମାନେ ଚାଳକଙ୍କୁ



ଟଙ୍କା ମାଗୁଛନ୍ତି। ଏହିପରି ମହିଳାମାନେ ମଧ୍ୟ କାଖରେ ୪ରୁ ୫ ମାସର ଛୁଆମାନଙ୍କୁ ଧରି ଖରାତରାରେ ଭିକ ମାଗୁଛନ୍ତି। ହେଲେ ଏହି ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଟାଇଲ୍ଡ୍ ଲାଇନ୍ ସମେତ ଅନ୍ୟ ବେସରକାରୀ ଅନୁଷ୍ଠାନ ମଧ୍ୟ ରହିଛି ହେଲେ ଏହିମାନେ ସବୁ ଜାଣି ଦେଖି ମଧ୍ୟ ନଦେଖିଲା ପରି ରହୁଛନ୍ତି।

ସରକାରଙ୍କ ପକ୍ଷରୁ ଭିକାରୀ ମୁକ୍ତ ଗଠନ କରିବା ପାଇଁ ୨୦୧୧ ରେ ନୀଳାଦ୍ରି ନିଳୟ ଯୋଜନା କରାଯାଇଥିଲା। ଏହି ଯୋଜନାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ନିୟୋଜିତ କରାଯାଇଥିଲା। ସହରରୁ ଉଦ୍ଧାର ହେଉଥିବା ଭିକାରିଙ୍କୁ ଥଇଥାନ କରିବା ପାଇଁ ବିଏମ୍‌ସି ପକ୍ଷରୁ ୬ଟି ସ୍ଥାନରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ହେଲେବି ଏ ଡ଼ହଡ଼ହ ଖରାରେ ଶିଶୁ ଓ ମହିଳାମାନେ ରାସ୍ତାରେ ଭିକ ମାଗୁଥିବାର ଦେଖିବାକୁ ମିଳୁଛି। ନା ଏ ଶିଶୁମାନଙ୍କୁ ଉଦ୍ଧାର କରିବା ପାଇଁ କୌଣସି ସ୍ୱେଚ୍ଛାସେବୀ ସଂଗଠନ ଅଛନ୍ତି ନା ସରକାରୀ ସ୍ତରର ଅଧିକାରୀ। ଯାହା ଫଳରେ ହାତରେ ବହି ଖାତା ଧରିବା ବଦଳରେ ହାତା ପତେଇ ଏ ଟାଣ ଖରାରେ ଭିକ ମାଗୁଛନ୍ତି। ଏନେଇ ଜୟଦେବ ବିହାର ଟ୍ରାଫିକ୍‌ରେ ଅଟକି ରହିଥିବା ଅଞ୍ଜୁମ୍ ମହାପାତ୍ର କହିଛନ୍ତି କି ଏହି ଶିଶୁମାନଙ୍କୁ ଭିକ୍ଷା ବୃତ୍ତିରୁ ନିବୃତ କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଏହି ଶିଶୁମାନଙ୍କୁ ବିଭିନ୍ନ ଉପାୟରେ ଖେଳକୁଦ ଓ ଭଲ ଖାଦ୍ୟ ଦେଇ ଆୟତ କରିବାକୁ ପଡ଼ିବ। ପରେ ସେମାନଙ୍କୁ ପାଠ ପଢ଼ିବା କିମ୍ବା ଅନ୍ୟ ଶିକ୍ଷଣୀୟ କାର୍ଯ୍ୟରେ ନିୟୋଜିତ କରି ହେବ ବୋଲି ସେ କହିଛନ୍ତି।

## ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତି



ବାଲିଅନ୍ତା, ୨୪।୪(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଗଡ଼ କଣ୍ଟୁଣିଆ - ହୀରାପୁର ସ୍ଥିତ ସୁଦର୍ଶନ ଦାରୁ ପୀଠରେ ଗତ ୧୯ ତାରିଖରୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହ ପ୍ରତିଷ୍ଠା ନେଇ ଚାଲିଥିବା ଯଜ୍ଞ ପୂର୍ଣ୍ଣାହୁତି ଓ ପୂଜା ନୀତିକାନ୍ତି ସମାହିତ ହୋଇଛି। ମଧ୍ୟାହ୍ନ ୧୨ଟାରୁ ଯଥାବିଧି ପହଣ୍ଡି ଆରମ୍ଭ କରାଯାଇଥିଲା। ପ୍ରଥମେ ବିଭିନ୍ନ ପାର୍ଶ୍ୱ ଦେବାଦେବୀ, ଦଶାବତାର ଓ ନବଗ୍ରହଙ୍କୁ ଗୋଟି ପହଣ୍ଡିରେ ନିଆଯାଇଥିଲା। ଏହାପରେ ଅଗ୍ରପୂଜ୍ୟ ଗଣେସ ଏବଂ ତା' ପରେ ବିମଳ, ଲକ୍ଷ୍ମୀ ନୃସିଂହ ନାଥ ଏବଂ ଏହାପରେ ମା' ଲକ୍ଷୀ ଏବଂ ଦ୍ୱାରପାଳ ଜୟ ବିଜୟଙ୍କୁ ଗୋଟି ପହଣ୍ଡି କରି ମନ୍ଦିର ସିଂହାସନରେ ଉପବିଷ୍ଟ କରାଯାଇଥିଲା। ଅପରାହ୍ନ ୩ଟାରେ ଚତୁର୍ଦ୍ଧା ମୂର୍ତ୍ତି ବିଗ୍ରହମାନଙ୍କ ମଧ୍ୟରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ଏହାପରେ ଯଥାକ୍ରମେ ବଳଭଦ୍ର, ଦେବୀ ସୁଭଦ୍ରା, ଓ ଶେଷରେ ଜଗନ୍ନାଥଙ୍କ ବିଗ୍ରହକୁ ଛାତ୍ରି ଆଲଟ ଚାମର କରି ଗୋଟି ପହଣ୍ଡି କରି ମନ୍ଦିରକୁ ନିଆଯାଇଥିଲା। ସ୍ନାନ ନୀତି ପରେ ଶ୍ରୀ ଜୀଉମନଙ୍କୁ ବେଶ କରାଯାଇଥିଲା। ତା ପରେ ଭୋଗ ଲାଗି କରାଯାଇଥିଲା। ସାହାଣ ମେଲା ଦର୍ଶନ ବିଳମ୍ବିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଧର୍ମିଣୀ ଡ଼ ପ୍ରିୟଙ୍କା ମାରାଣ୍ଡି ଗସ୍ତ କରି ଠାକୁରଙ୍କୁ ଦର୍ଶନ କରିଥିଲେ।

## ଅପୂର୍ବା ବୁକ୍ ସପ୍ ଲୋକାର୍ପିତ



ଭୁବନେଶ୍ୱର, ୨୪।୪(ସମିସ): ବିଶ୍ୱ ପୁସ୍ତକ ଦିବସ ଅବସରରେ 'ଅପୂର୍ବା ପ୍ରକାଶନୀ' ପକ୍ଷରୁ ଏକ ବୁକ୍ ସପ୍ ସ୍ଥାନୀୟ ୟୁନିଟ୍-୩ ପ୍ରିୟା ହୋଟେଲ ସମୁଖରେ ଲୋକାର୍ପଣ ହୋଇଯାଇଛି। ଏଥିରେ ଅତିଥି ଭାବେ ବରିଷ୍ଠ କବି ଡ. ଫନୀ ମହାନ୍ତି ଯୋଗଦେଇ ଲୋକାର୍ପିତ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ପ୍ରଶାସକ କବି ରବିନାରାୟଣ ସେନାପତି ଯୋଗଦେଇ କହିଥିଲେ ଆମ ରାଜଧାନୀରେ ନିରୁତା ସାହିତ୍ୟ ପୁସ୍ତକ ସମ୍ବଳିତ ଏକ ବିଶେଷ ବୁକ୍ ସପ୍ ଆବଶ୍ୟକତା ଥିଲା। ପାଠକମାନେ ନିଜ ମନ ପସନ୍ଦର ପୁସ୍ତକ ପାଇବା ପାଇଁ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଅପୂର୍ବା ପ୍ରକାଶନୀର ଏହି ବୁକ୍ ସପ୍ ଖୋଲିବା ଦ୍ୱାରା ସେହି ଆବଶ୍ୟକତାର ପୂରଣ ହୋଇପାରିଛି। ଏଥିପାଇଁ ସେ ଅପୂର୍ବା ଅଧ୍ୟକ୍ଷ ଗାଳ୍ପିକ କ୍ଷୀରୋଦ ପତିଙ୍କୁ ଅନେକ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକ ଡ. ହୃଷୀକେଶ ମଲ୍ଲିକ, କବି ଅଶ୍ୱିନୀ କୁମାର ମିଶ୍ର, ଡ. ପ୍ରସନ୍ନ କୁମାର ମହାନ୍ତି, ବିଶିଷ୍ଟ ଲେଖକ ଡ. ବିଜୟ କେତନ ପଟ୍ଟନାୟକ, ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ



ବାଲିପାଟଣା, ୨୪।୪(ସମିସ): ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାସ, ପ୍ରେସ୍ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ଅଙ୍ଗନୱାଡି କର୍ମୀ, ମହିଳା ସଂଗଠନର କର୍ମକର୍ତ୍ତା ଓ ସରକାରୀ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ତରଫରୁ ହିତାଧିକାରୀ ମାନଙ୍କୁ ଅନ୍ତ୍ୟୋଦୟ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ ସହିତ ଜନପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ କୁମାର ଜେନା, ନେତ୍ରାନନ୍ଦ ବେହେରା, ଦିବ୍ୟରଞ୍ଜନ ମହାପାତ୍ର, ହରପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରେନ୍‌ବୋ ଆସେଟ୍‌ସ୍ ପକ୍ଷରୁ ତୁଳସୀ ବଣ୍ଟନ



ଭୁବନେଶ୍ୱର, ୨୪।୪(ସମିସ): ଧରିତ୍ରୀ ଦିବସ ଅବସରରେ ରେନ୍‌ବୋ ଆସେଟ୍‌ସ୍ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ପାର୍କଠାରେ ଆଧ୍ୟାତ୍ମିକ କଲ୍ୟାଣ ଏବଂ ଏକ ସବୁଜ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ତୁଳସୀ ଗଛ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ୟଙ୍ଗ ଇଣ୍ଡିଆନ୍‌ସ୍ (ସିଆଇଆଇ)ରୁ ଗୌରବ ଗୋଏଲ ଏବଂ ପ୍ରୋଶିଷ ଗୋଲିଆନ୍, ବିଏନ୍‌ଆଇ ଭୁବନେଶ୍ୱରରୁ ସୌମିକ ସାମଲ, ଶିବାଶିଷ ଦାସମହାପାତ୍ର, ମୟଙ୍କ ଜୈନ, ପ୍ରୀତି ପ୍ରକାଶ, ଅମିତ ପରିଚ୍ଛା, ନିକି ଜେନା ଏବଂ ଅଭିନବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଗୀତାଞ୍ଜଳି ଆୱାର୍ଡସ୍‌ରୁ କ୍ରିଷ୍ଣ ମୋହନ, ସ୍ଥପତି ଶ୍ରୀନିବାସ ସୁବୁଦ୍ଧି ଏବଂ ଜେସିଆଇ ଭୁବନେଶ୍ୱରରୁ ନୀଶିଥ ଦାସ, ରିଅଲଟର୍‌ସ୍ ଆସୋସିଏସନ ଅଫ ଓଡ଼ିଶାରୁ ଦିସପୋଜା ପଟ୍ଟନାୟକ ଏବଂ ସ୍ୱସ୍ତି ଗ୍ରୁପ୍ ଅଫ ହୋଟେଲ୍‌ସ୍ ଆଣ୍ଡ ରିସର୍ଟସ୍‌ରୁ ସୁଭୋ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଅଧିକ ଜନସାଧାରଣ ସମବେତ ହୋଇଥିଲେ।

## ଭୁବନେଶ୍ୱରରେ ୩୦ ମଣିପୁର ଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନ

ଭୁବନେଶ୍ୱର, ୨୪।୪(ସମିସ): ଖାରବେଳ ନଗରସ୍ଥିତ ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ର ଆର୍ଟ ଗ୍ୟାଲେରୀରେ ମଣିପୁର ଲଳିତ କଳା ଏକାଡେମୀ ଦ୍ୱାରା ୩୧ ତମ ସମୂହ କଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ରର ସଚିବ ରାମକୃଷ୍ଣ ଭେଦାଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ମାଧ୍ୟମରେ ଶିଳ୍ପୀମାନେ ନିଜ ନିଜ ଶୃଜନର ପରାକାଷ୍ଠା ପ୍ରଦର୍ଶିତ କରିବା ସହିତ ବିଶ୍ୱଶାନ୍ତିର ବାର୍ତ୍ତା ପ୍ରଦାନ କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷ ଆକର୍ଷଣ ଥିଲା ମଣିପୁର ରାଜ୍ୟର ୩୦ ଜଣ ପ୍ରତିଷ୍ଠିତ ଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା, ଭାସ୍କର୍ଯ୍ୟ କଳା ତଥା ମୁଦ୍ରଣ କଳାର ଏକ ପ୍ରଦର୍ଶନୀ। ଏହି ଅବସରରେ ମଣିପୁର ରାଜ୍ୟ ଲଳିତ କଳା ଏକାଡେମୀ ସଚିବ ସୁନନ୍ଦା ଥୋକଚମ୍, ବରିଷ୍ଠ ଚିତ୍ରଶିଳ୍ପୀ ରାମହରି ଜେନା ଏବଂ ଧଉଳି ଚାରୁକଳା



ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଯୋଗଦେଇ ମଣିପୁର କଳା ଓ ସଂସ୍କୃତିର ଗରିମା ଉପରେ ଆଲୋକପାତ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଶୈକ୍ଷିକ ଆଲୋଚନା



ଭୁବନେଶ୍ୱର, ୨୪।୪(ସମିସ): ଜାପାନର ହିରୋସୀମା ନାଗାସାକି ଠାରୁ ଆରମ୍ଭ କରି ଇରାନ୍ ଯୁଦ୍ଧ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଯେଉଁ ଯୁଦ୍ଧର ବିଭୀସିକା ଚାଲିଛି ତାହ ଶାନ୍ତି ଓ ଅହିଂସାର ବାର୍ତ୍ତା ଦେଉଥିବା ବୁଦ୍ଧର ଦେଶ ଭାରତ ବର୍ଷ ପାଇଁ କଦାପି ଗ୍ରହଣୀୟ ନୁହେଁ। ଲିଓ ଟଲଷ୍ଟୟଙ୍କ ପୁସ୍ତକର ଓଡ଼ିଆ ଅନୁବାଦ ଗୋପୀନାଥ ମହାନ୍ତିଙ୍କ 'ଯୁଦ୍ଧ ଓ ଶାନ୍ତି' ଏବଂ ଉଦୟନାଥ ଷଡ଼ଙ୍ଗୀଙ୍କ ଅନୁବାଦ ପୁସ୍ତକ 'ଟମକକାଙ୍କ କୁଟୀର' ଆମକୁ ଏ ବାବଦରେ ବାଟ ଦେଖାଏ ବୋଲି ବିଶ୍ୱ ପୁସ୍ତକ ଦିବସ ଅବସରରେ ଆୟୋଜିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶୈକ୍ଷିକ ଆଲୋଚନାରେ ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ମତ ପ୍ରକାଶ କରିଛନ୍ତି। 'ଆଟମ୍ ନିର୍ଭର ଓ ଆତ୍ମ ନିର୍ଭର ଭାରତ' ଶୀର୍ଷକ ଏହି ଆଲୋଚନାରେ ପ୍ରଫେସର ରୀତାଞ୍ଜଳୀ ଦାଶ, ଡ଼. କଳିଙ୍ଗ କେତକୀ, ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଫେସର ରଶ୍ମିରେଖା ସେଠୀ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ଡ଼. ମାର୍କଣ୍ଡେୟ ଦୀକ୍ଷିତ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ଼. ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## 'ଗୀତି ଗନ୍ଧବତୀ' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୨୪।୪(ସମିସ): ନବରତ୍ନ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ, ସମ୍ମାନିତ ଅତିଥି ଭାବେ ଶରତ କୁମାର ଦାଶ ଓ ଶକୁନ୍ତଳା ବଳିଆରସିଂ ଯୋଗ ଦେଇଥିଲେ। ଏହି ଅସରରେ ଦିବାକର ମାନସିଂହଙ୍କ ପ୍ରଥମ କବିତା ସଂକଳନ ଗୀତି ଗନ୍ଧବତୀ ଲୋକାର୍ପିତ ହୋଇଛି। ଏଥିସହିତ ନିର୍ଝର ପତ୍ରିକା ପ୍ରକାଶ ପାଇଥିଲା। ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୀବନ କୃଷ୍ଣା ମିଶ୍ର ବେଦପାଠ କରିଥିଲା ବେଳେ କବି ସୂର୍ଯ୍ୟ ମିଶ୍ର ରକ୍ଷକ ନାୟକ କବିତା ଉପରେ ଆଲୋକପାତ କରିଥିଲେ। ଶେଷରେ ବୃନ୍ଦାବନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆର୍ଯ୍ୟସମାଜର ଟ୍ରଷ୍ଟି ଭୀମସେନ ଜେନାଙ୍କ ମହାପ୍ରୟାଣ



ଭୁବନେଶ୍ୱର, ୨୪।୪(ସମିସ): ଆର୍ଯ୍ୟସମାଜ, ଓଡ଼ିଶାର ଟ୍ରଷ୍ଟି, ପୂର୍ବତନ ପୋଷ୍ଟ ମାଷ୍ଟର ଭୀମସେନ ଜେନାଙ୍କର ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସୁପୁତ୍ର ବାବା ପ୍ରଣବାନନ୍ଦ ଦାସ (ମନୁଭାଇ) ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଜେନାଙ୍କ ମରଶରୀରକୁ ତେଲେଙ୍ଗାପେଣ୍ଠ ସ୍ଥିତ ନୂଆଗଡ଼ଠାରେ ଥିବା ଶିଶୁ ଅନନ୍ତ ଆଶ୍ରମକୁ ନିଆଯାଇଥିଲା। ସେଠାରେ ପୂର୍ବତନ ସରପଞ୍ଚ ପିତବାସ ମହାପାତ୍ର, ବିଦ୍ୟାଲୋକର ସମ୍ପାଦକ ଶରତ ଚନ୍ଦ୍ର ରଥ, ନୂଆଗଡ଼ ଗ୍ରାମ୍ୟ କମିଟି ସଭାପତି ବିକ୍ରମ ଶତପଥୀ, ବାବା ରାଧେଶ୍ୟାମ ଦାସ (ରାଜୁଭାଇ) ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କାର୍ଯ୍ୟ ସମାପନ ହୋଇଥିଲା। ସ୍ୱର୍ଗତ ଜେନାଙ୍କ ଜ୍ୟେଷ୍ଠପୁତ୍ର ପ୍ରସନ୍ନ କୁମାର ଜେନା ମୁଖାଗ୍ନି ଦେଇଥିଲେ। ଅନ୍ୟ ଦୁଇ ପୁଅ ଅମୀୟ ଓ ଦିଲ୍ଲୀପ ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଜେନାଙ୍କ ବିୟୋଗ ଖବର ପାଇ ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଚୋରି ଅଭିଯୋଗ କରୁଥିଲେ, ନିଜେ ଚୋର ବାହାରିଲେ

ଭୁବନେଶ୍ୱର, ୨୪।୪ (ସମିସ): ମୋବାଇଲ ଚୋରି ଅଭିଯୋଗରେ ଜିଆର୍‌ପି ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲାର ଆର୍. ଗଣେଶ ରାଓ ଏବଂ ସୁନ୍ଦରଗଡ଼ ଅଞ୍ଚଳର ମହମ୍ମଦ ସାତିର। ଉଭୟଙ୍କୁ ଜିଆର୍‌ପି ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ଠାରୁ ୪ଟି ଚୋରା ମୋବାଇଲ ଜବତ ହୋଇଛି। ଗିରଫ କରାଯିବା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଏମାନେ ପୁଲିସ ପାଖକୁ ଦୁଇ ମାସ ତଳେ ମୋବାଇଲ ଚୋରି ହୋଇଯାଇଛି ବୋଲି ଅଭିଯୋଗ କରିଥିଲେ। ହେଲେ ପରବର୍ତ୍ତି ସମୟରେ ସେମାନେଙ୍କୁ ପୁଲିସ ଗିରଫ କରିଥିଲା।

ପୁଲିସ ସୂଚନା ମୁତାବକ, ୨ମାସ ତଳେ ଦୁହେଁ ମୋବାଇଲ ଚୋରି ହୋଇଯାଇଛି ବୋଲି ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଏଭଳି ଭାବେ ପୁଲିସ କର୍ମଚାରୀଙ୍କ ସହ ସେମାନେ ଚିହ୍ନା ପରିଚିତ ହୋଇଥିଲେ। ପରେ ଏମାନେ ଷ୍ଟେସନରେ ବୁଲୁଥିଲେ ଏବଂ ଯାତ୍ରୀଙ୍କ ପକେଟ୍ ମାର୍ କରୁଥିଲେ। ଶୁକ୍ରବାର ଜଣେ ଯାତ୍ରୀଙ୍କ ଠାରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଜିଆର୍‌ପି



ପୁଲିସ ଉଭୟଙ୍କୁ ଗିରଫ କରିଥିଲେ। ତେବେ ପଚରାଉଚରା ବେଳେ ଜଣାପଡ଼ିଥିଲା ସେ ପୂର୍ବରୁ ମୋବାଇଲ୍ ଚୋରି କରିବାକୁ ଆସିଥିଲେ। ତେବେ ଚୋରା ମୋବାଇଲ୍ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ।

## ବରମୁଣ୍ଡାରେ ସିରିଜ୍ ଦୁର୍ଘଟଣା



ଭୁବନେଶ୍ୱର, ୨୪।୪(ସମିସ): ଖଣ୍ଡଗିରି ଥାନା ବରମୁଣ୍ଡା ଫ୍ଲାଏଓରର ନିକଟରେ ସିରିଜ୍ ଦୁର୍ଘଟଣା ଘଟିଛି। ୩ଟି କାର୍ ଏବଂ ଗୋଟିଏ ବୁଲେରୋ ପରସ୍ପରକୁ ଧକ୍କା ଦେଇଥିଲା। ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକାଧିକ ଗାଡ଼ି କ୍ଷତିଗସ୍ତ ହୋଇଛି। ପୁଲିସ ଏକ ପିକ୍‌ଅପ୍ ଭ୍ୟାନ୍ ସମେତ ୩ଟି ଗାଡ଼ିକୁ ଜବତ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟା ସମୟରେ ବାଣୀବିହାରରୁ ଖୋର୍ଦ୍ଧା ଆଡ଼କୁ ଗାଡ଼ିଗୁଡ଼ିକ ଆସୁଥିଲା। ସାମ୍ନାରେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇବାରୁ ଯେଉଁ ଲେନ୍‌ରେ ଯାଉଥିଲା ଅଚାନକ ଅନ୍ୟ ଏକ ଲେନ୍‌କୁ ଚାଲି ଯାଇଥିଲା। ଫଳରେ ଗୋଟିଏ ଗାଡ଼ି ଅନ୍ୟ ଏକ ଗାଡ଼ି ସହ ଧକ୍କା ହୋଇଥିଲା। କାହାର ବନେଟ୍ ଭାଙ୍ଗି ଯାଇଥିଲା। ପୁଣି କାହାର ପଛପଟ ଚେପା ହୋଇ ଯାଇଥିଲା। ଏଭଳି ସିରିଜ୍ ଦୁର୍ଘଟଣା ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡକୁ ସ୍ୱାଗତ

# ଅଣକିନ୍ନରଙ୍କୁ ଅଧ୍ୟକ୍ଷ କରାଯାଇଥିବାରୁ ଅସନ୍ତୋଷ

ଭୁବନେଶ୍ୱର, ୨୪।୪(ସମିସ): ଦୀର୍ଘ ୩୦ ବର୍ଷ କିନ୍ନରମାନଙ୍କ ଆନ୍ଦୋଳନ ପରେ ସରକାର ପ୍ରଥମ କରି ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ଼ ଗଠନ କରିଛନ୍ତି। ଏହାକୁ ଓଡ଼ିଶାରେ ଥିବା ଶହ ଶହ କିନ୍ନର ସମର୍ଥନ କରିଛନ୍ତି। କିନ୍ତୁ ବଡ଼ ଦୁଃଖର କଥା ଅନ୍ୟ ରାଜ୍ୟରେ ତୃତୀୟଲିଙ୍ଗୀ ମାନଙ୍କ ପାଇଁ ଗଠନ ହୋଇଥିବା ବୋର୍ଡ଼ରେ କିନ୍ନରମାନେ ଅଧ୍ୟକ୍ଷ ରହିଥିବା ବେଳେ ଓଡ଼ିଶାରେ ଗଠନ କରାଯାଇଥିବା ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ଼ରେ ଅଧ୍ୟକ୍ଷ ବିଭାଗୀୟ ମନ୍ତ୍ରୀ ଥିବାବେଳେ ବିଭାଗୀୟ ସଚିବ ଉପାଧ୍ୟକ୍ଷ ରହିଛନ୍ତି। ଫଳରେ କିନ୍ନରମାନଙ୍କ ପ୍ରକୃତ ସମସ୍ୟା ସମାଧାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ସୂଚନାଥାଉକି, ପୂର୍ବ ସରକାର କିନ୍ନରମାନଙ୍କ ପାଇଁ ଏକ କମିଟି ଗଠନ କରି ସେଥିରେ ୧୨ଜଣଙ୍କୁ ସଦସ୍ୟ ରଖିଥିବା ବେଳେ କିନ୍ନର ପ୍ରତିନିଧିଙ୍କୁ ଅଧ୍ୟକ୍ଷ ରଖିଥିବା ବେଳେ ଜଣେ କିନ୍ନରଙ୍କୁ ଉପାଧ୍ୟକ୍ଷ ଓ ୭ ଜଣ କିନ୍ନରଙ୍କୁ ସଦସ୍ୟ ହିସାବରେ ଓ ଦୁଇଜଣ ସିବିଓଙ୍କୁ ସଦସ୍ୟ ଭାବରେ ରଖିଛନ୍ତି। କିନ୍ତୁ ବର୍ତ୍ତମାନର ସରକାର ତାହାକୁ ଓଲଟ ପାଲଟ କରିଦେବା ଫଳରେ କିନ୍ନରମାନଙ୍କ ମଧ୍ୟରେ ସାମାନ୍ୟ ଅସନ୍ତୋଷ ଦେଖା ଦେଇଛି। ବର୍ତ୍ତମାନ ଯେଉଁ ବୋର୍ଡ଼ଟି ଗଠନ କରାଯାଇଛି, ସେଥିରେ ଟ୍ରାନ୍ସଜେଣ୍ଡର ମେଳକୁ ସ୍ଥାନ ଦିଆଯାଇ ନ ଥିବା ବେଳେ ମାତ୍ର ୨ଜଣ କିନ୍ନରଙ୍କୁ ସଦସ୍ୟ ହିସାବରେ ନିଆଯାଇଛି। ଯଦି ରାଜ୍ୟ ସରକାର ଦୁଇଜଣଙ୍କ ବଦଳରେ ୮ଜଣ କିନ୍ନରଙ୍କୁ ଏହି ବୋର୍ଡ଼ରେ ରଖିଥାନ୍ତେ ତେବେ ଟ୍ରାନ୍ସଜେଣ୍ଡର ବୋର୍ଡ଼ଟି ଉନ୍ନତ ଧରଣର ହେବା ସହ ଓଡ଼ିଶାରେ ଥିବା ପାଖାପାଖି ୫୦ ହଜାରରୁ ଅଧିକ କିନ୍ନରମାନେ ଉପକୃତ ହୋଇଥାନ୍ତେ। ତେଣୁ ପୂର୍ବତନ ଅଧ୍ୟକ୍ଷ ପ୍ରତାପ କୁମାର ସାହୁ ବୋର୍ଡ଼ ଗଠନ ନେଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହ ଯଦି ଦୁଇଜଣ ବଦଳରେ ୮ଜଣ କିନ୍ନରଙ୍କୁ ବୋର୍ଡ଼ରେ ସଦସ୍ୟ ଓ ଜଣେ ଟ୍ରାନ୍ସଜେଣ୍ଡରଙ୍କୁ ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ ରଖନ୍ତେ ତେବେ ବୋର୍ଡ଼ଟି ସମ୍ପୂର୍ଣ୍ଣ ଭାବରେ ପୂର୍ଣ୍ଣକ୍ଷମ ହୋଇପାରନ୍ତା ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି।

## ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ 'ରାଗମାଳା'

ଭୁବନେଶ୍ୱର, ୨୪।୪(ସମିସ): ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ରାଗମାଳା ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଗୋଲକ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ପୂର୍ବତନ ଭାରତୀୟ ଦୂର ସଞ୍ଚାର ବିଭାଗ ଉପ ମହାପ୍ରବନ୍ଧକ



ଗୀତିକବି ରାଧାଶ୍ୟାମ ପାତ୍ର, ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ରଜନୀକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ରାଗମାଳା ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ତବଲା ବାଦକ ଗୁରୁ ପଣ୍ଡିତ ବିନୋଦ ବିହାରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ପାରମ୍ପରରେ ସାୟନୀ ସୁହାନୀ ଶୁଭଦର୍ଶିନୀ ଦ୍ୱାରା ଏକକ ଶାସ୍ତ୍ରୀୟ ଗାୟନ ରାଗ ବାଗେଶ୍ରୀ, ବଡ଼ା ଖେୟାଲ, ବନ୍ଦୀଶ, ଜବହୀ ଚଲେ ପ୍ରଭୁ ବନବାସ ପରିବେଷଣ କରିଥିଲେ। ରାଗ ମାଳାର ଅନ୍ୟ ଏକ ଶାଖା ବାଗେଶ୍ୱରୀ କଳା ପ୍ରତିଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୃନ୍ଦ ଶାସ୍ତ୍ରୀୟ ଗାୟନ ରାଗ - ଖମାଜ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଭିନନ୍ଦନ ଦାସ ଏବଂ ଶେଷରେ ଅନନ୍ତ ଗୋପାଳ ପଣ୍ଡା ଧନ୍ୟବାଦ ଦେଇଥିଲେ।

